# NATIONAL NEWS BULLETIN (ODIA)

## 4 November - 2025

## Evening Bulletin : 7.15 p.m.

**********************************

## ମୁଖ୍ୟ ସମ୍ବାଦ

- ଗୁରୁ ନାନକଙ୍କ ଆଦର୍ଶ ଏବଂ ମୂଲ୍ୟବୋଧ ସମସ୍ତଙ୍କୁ ପ୍ରେରଣା ଯୋଗାଇବ, କହିଲେ ରାଷ୍ଟ୍ରପତି ।
- ବିହାର ପ୍ରଥମ ପର୍ଯ୍ୟାୟ ବିଧାନସଭା ନିର୍ବାଚନ ଲାଗି ଶେଷ ହେଲା ପ୍ରଚାର କାର୍ଯ୍ୟ ।

– ଆସନ୍ତା ଗୁରୁବାରରେ ୧୮ଟି ଜିଲ୍ଲାର ୧୨୧ଟି ଆସନ ପାଇଁ ହେବ ମତଗ୍ରହଣ ।

- ୯ଟି ରାଜ୍ୟ ଏବଂ ତିନୋଟି କେନ୍ଦ୍ର ଶାସିତ ଅଞ୍ଚଳରେ ଆଜିଠାରୁ ଆରମ୍ଭ ହେଲା ଦ୍ୱିତୀୟ ପର୍ଯ୍ୟାୟ ସ୍ୱତନ୍ତ୍ର ଭୋଟର ତାଲିକା ସଂଶୋଧନ ଅଭିଯାନ ।
- ଛତିଶଗଡ଼କୁ ଆସନ୍ତାକାଲି ଦିନିକିଆ ଗସ୍ତରେ ଯିବେ ଉପରାଷ୍ଟ୍ରପତି ।

ଏବଂ

- ନୂଆଦିଲ୍ଲୀରେ ଆସନ୍ତାକାଲି ଚତୁର୍ଥ ପର୍ଯ୍ୟାୟ ଡିଜିଟାଲ୍ ଜୀବନ ପ୍ରମାଣପତ୍ର ଅଭିଯାନର ଶୁଭାରମ୍ଭ କରିବେ ସାଧାରଣ ଅଭିଯୋଗ ଓ ପେନ୍‌ସନ୍ ରାଷ୍ଟ୍ରମନ୍ତ୍ରୀ ।

# ପ୍ରେଜ୍-ଗୁରୁ ନାନକ ଜୟନ୍ତୀ

ରାଷ୍ଟ୍ରପତି ଦ୍ରୌପଦୀ ମୁର୍ମୁ ଗୁରୁ ନାନକ ଜୟନ୍ତୀର ଅବ୍ୟବହିତ ପୂର୍ବରୁ ଗୁରୁ ନାନକ ଦେବଙ୍କ ଅନୁଗାମୀମାନଙ୍କୁ ଅଭିବାଦନ ଜଣାଇଛନ୍ତି । ରାଷ୍ଟ୍ରପତି ତାଙ୍କ ବାର୍ତ୍ତାରେ କହିଛନ୍ତି, ନାନକଙ୍କ ଆଦର୍ଶ ଓ ମୂଲ୍ୟବୋଧ ସମସ୍ତଙ୍କୁ ପ୍ରେରଣା ଯୋଗାଇବ ଏବଂ ଏକ ଉନ୍ନତ ସମାଜ ଗଠନ ଦିଗରେ ମାର୍ଗ ପ୍ରଦର୍ଶନ କରିବ । ଶ୍ରୀମତୀ ମୁର୍ମୁ ଆହୁରି କହିଛନ୍ତି, ଏକ ସତ୍ୟ, ନ୍ୟାୟ ଓ ଅନୁକମ୍ପା ଉପରେ ଆଧାରିତ ଜୀବନ ହିଁ ବାସ୍ତବତାର ସଫଳତାର ମୂଳ ମନ୍ତ୍ର । ସମସ୍ତେ ସଦାଚାର ଜୀବନ ବିତାଇବା ସହ ନିଜର ସୁଖସୁବିଧାକୁ ଅନ୍ୟ ସହ ଆଦାନପ୍ରଦାନ କରିବାକୁ ରାଷ୍ଟ୍ରପତି ପ୍ରେରଣାଦାୟୀ ବାର୍ତ୍ତା ଦେଇଛନ୍ତି । ଏକ ଶାନ୍ତିମୟ ଓ ସମୃଦ୍ଧ ଦେଶ ଗଠନ କରିବାକୁ ହେଲେ ନାନକ ଦେବଙ୍କ ନୀତି ଆଦର୍ଶର ମାର୍ଗ ଅନୁସରଣ କରିବାକୁ ରାଷ୍ଟ୍ରପତି ତାଙ୍କ ବାର୍ତ୍ତାରେ କହିଛନ୍ତି ।

# ବିହାର ଇଲେକ୍ସନ୍

ବିହାରରେ ପ୍ରଥମ ପର୍ଯ୍ୟାୟ ବିଧାନସଭା ନିର୍ବାଚନ ଲାଗି ପ୍ରଚାର କାର୍ଯ୍ୟ ଆଜି ଶେଷ ହୋଇଛି । ଆସନ୍ତା ଗୁରୁବାର ଏହି ପର୍ଯ୍ୟାୟରେ ୧୮ଟି ଜିଲ୍ଲାର ୧୨୧ଟି ଆସନ ପାଇଁ ମତଗ୍ରହଣ କରାଯିବ । ଏହି ପର୍ଯ୍ୟାୟରେ ମୋଟ୍ ୧ ହଜାର ୩୧୪ ଜଣ ପ୍ରାର୍ଥୀଙ୍କର ରାଜନୈତିକ ଭାଗ୍ୟ ୩ କୋଟି ୭୫ ଲକ୍ଷରୁ ଅଧିକ ମତଦାତା ନିର୍ଣ୍ଣୟ କରିବେ । ଆଜି ଶେଷ ଦିବସରେ ବିଭିନ୍ନ ରାଜନୈତିକ ଦଳ ଏବଂ ପ୍ରାର୍ଥୀଙ୍କ ପକ୍ଷରୁ ପ୍ରଚାର କାର୍ଯ୍ୟକୁ ଅତ୍ୟନ୍ତ ଜୋର୍‌ଦାର୍ କରାଯାଇଥିଲା । ବିଭିନ୍ନ ସ୍ଥାନରେ ରାଲି ଓ ସମାବେଶ ମାଧ୍ୟମରେ ରାଜନୈତିକ ଦଳଗୁଡ଼ିକର ଷ୍ଟାର ପ୍ରଚାରକ ଏବଂ ପ୍ରାର୍ଥୀଙ୍କ ସପକ୍ଷବାଦୀ ନେତା ଭୋଟରଙ୍କୁ ଆକୃଷ୍ଟ କରିବା ପାଇଁ ଉଦ୍ୟମ କରିଥିଲେ ।

ପ୍ରଥମ ପର୍ଯ୍ୟାୟ ନିର୍ବାଚନ ପାଇଁ ଆୟୋଗଙ୍କ ପକ୍ଷରୁ ବ୍ୟାପକ ବ୍ୟବସ୍ଥା ଗ୍ରହଣ କରାଯାଇଛି । ପ୍ରଥମଥର ପାଇଁ ପ୍ରତ୍ୟେକ ନିର୍ବାଚନ ମଣ୍ଡଳୀରେ ଜଣେ ସାଧାରଣ ପର୍ଯ୍ୟବେକ୍ଷକଙ୍କୁ ନିୟୋଜିତ କରାଯାଇଛି । ନିର୍ବାଚନ ପ୍ରକ୍ରିୟାକୁ ଅଧିକ ସ୍ୱଚ୍ଛ ଏବଂ ସୁରକ୍ଷିତ କରିବା ଲକ୍ଷ୍ୟ ନେଇ ସମସ୍ତ ମତଦାନ କେନ୍ଦ୍ରରେ ୱେବ୍‌କାଷ୍ଟିଂ କରାଯିବ । ଯେକୌଣସି ହିଂସା ପ୍ରତି ଶୂନ୍ୟ ସହନଶୀଳ ନୀତି ବଜାୟ ରଖିବାକୁ ଆୟୋଗଙ୍କ ପକ୍ଷରୁ ଜିଲ୍ଲା

ମାଜିଷ୍ଟ୍ରେଟ୍ ଏବଂ ପୁଲିସ୍ ଅଧିକାରୀଙ୍କୁ ନିର୍ଦ୍ଦେଶ ଦିଆଯାଇଛି । ବ୍ୟାପକ କେନ୍ଦ୍ରୀୟ ସଶକ୍ତ ପୁଲିସ୍ ବାହିନୀକୁ ମଧ୍ୟ ନିୟୋଜିତ କରାଯିବ ବୋଲି ଆୟୋଗଙ୍କ ପକ୍ଷରୁ ସୂଚନା ଦିଆଯାଇଛି ।

ଆସନ୍ତା ୧୧ ତାରିଖରେ ଦ୍ୱିତୀୟ ପର୍ଯ୍ୟାୟରେ ୨୦ଟି ଜିଲ୍ଲାର ୧୨୨ଟି ବିଧାନସଭା ଆସନ ପାଇଁ ମତଗ୍ରହଣ କରାଯିବ । ଭୋଟ୍ ଗଣତି ଆସନ୍ତା ୧୪ ତାରିଖରେ ଅନୁଷ୍ଠିତ ହୋଇ ଫଳାଫଳ ଘୋଷଣା କରାଯିବ ।

## ପିଏମ୍-ମେରା ବୁଥ୍

ବରିଷ୍ଠ ବିଜେପି ନେତା ତଥା ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦୀ ବିହାର ବିଧାନସଭା ନିର୍ବାଚନରେ ଏନ୍.ଡି.ଏ. ବିପୁଳ ବିଜୟ ହାସଲ କରିବ ବୋଲି ଦୃଢ଼ୋକ୍ତି ପ୍ରକାଶ କରିଛନ୍ତି । ବିହାରରେ 'ମେରା ବୁଥ୍ ସବ୍‌ସେ ମଜବୁତ୍' କାର୍ଯ୍ୟକ୍ରମରେ ଯୋଗଦେଇ ମହିଳାମାନଙ୍କ ସହ ବାର୍ତ୍ତାଳାପ କରିବା ଅବସରରେ ଶ୍ରୀ ମୋଦୀ ଏହା କହିଛନ୍ତି । ପ୍ରଧାନମନ୍ତ୍ରୀ ଆହୁରି କହିଛନ୍ତି, ବିହାର ଜନତା ଏନ୍.ଡି.ଏ.କୁ ବିଜୟୀ କରିବାକୁ ମନସ୍ଥ କରିଛନ୍ତି ଏବଂ ଏହି ବିଜୟ ବିଗତ ୨୦ ବର୍ଷର ରେକର୍ଡ଼କୁ ଭଙ୍ଗ କରିବ । ଏନ୍.ଡି.ଏ. ହିଁ କେବଳ ବିହାରର ସର୍ବାଙ୍ଗୀନ ବିକାଶ ଆଣିଦେବ ବୋଲି ପ୍ରଧାନମନ୍ତ୍ରୀ ସୁନିଶ୍ଚିତ କରିଛନ୍ତି ।

# ଏନ୍‌ଏଚ୍‌ଆର୍‌ସି-କର୍ଣ୍ଣାଟକ

ଜାତୀୟ ମାନବାଧିକାର କମିଶନ୍ – ଏନ୍.ଏଚ୍.ଆର୍.ସି. କର୍ଣ୍ଣାଟକର ମୁଖ୍ୟ ଶାସନ ସଚିବ ଓ ପୁଲିସ୍ ମହାନିର୍ଦ୍ଦେଶକଙ୍କୁ ନୋଟିସ୍ ଜାରି କରିଛି । ମସ୍ତିସ୍କାଘାତରେ ମୃତ୍ୟୁ ବରଣ କରିଥିବା ଜନୈକ ବାଳିକାର ବାପା ପାଖରୁ ବେଙ୍ଗାଲୁରୁର ଆମ୍ବୁଲାନ୍ସ ଡ୍ରାଇଭର, ପୁଲିସ୍, ଅନ୍ତେଷ୍ଟି ସଂସ୍କାର କର୍ମୀ ଓ ଅନ୍ୟ କେତେକ ଅଧିକାରୀ ଜୋର୍‌ଜବରଦସ୍ତ ଲାଞ୍ଚ ନେଇଥିବାର ଅଭିଯୋଗ ଗଣମାଧ୍ୟମରେ ପ୍ରକାଶ ପାଇଥିଲା । ଏହି ରିପୋର୍ଟକୁ ଆଧାର କରି ଜାନୀୟ ମାନବିକ କମିଶନ୍ ନିଜ ଆଡୁ ତତ୍ପରତା ଦେଖାଇଥିଲେ । ଦୁଇ ସପ୍ତାହ ମଧ୍ୟରେ  ଘଟଣାର ସବିଶେଷ ବିବରଣୀ ପ୍ରଦାନ କରିବାକୁ ଜାତୀୟ ମାନବିକ ଅଧିକାର କମିଶନ୍ ସମ୍ପୃକ୍ତ ଅଧିକାରୀମାନଙ୍କୁ ନିର୍ଦ୍ଦେଶ ଦେଇଥିଲେ ।

# ଇସି-ଏସ୍‌ଆଇଆର୍

ଦେଶରେ ସ୍ୱତନ୍ତ୍ର ଭୋଟର ତାଲିକା ସଂଶୋଧନ ଅଭିଯାନର ଦ୍ୱିତୀୟ ପର୍ଯ୍ୟାୟ ଆଜିଠାରୁ ଆରମ୍ଭ ହୋଇଛି । ନିର୍ବାଚନ ଆୟୋଗଙ୍କ ଦ୍ୱାରା ଶୁଭାରମ୍ଭ ହୋଇଥିବା ଏହି ଦ୍ୱିତୀୟ ପର୍ଯ୍ୟାୟ ଅଭିଯାନରେ ୯ଟି ରାଜ୍ୟ

ଏବଂ ତିନୋଟି କେନ୍ଦ୍ର ଶାସିତ ଅଞ୍ଚଳକୁ ସାମିଲ କରାଯାଇଛି । ପ୍ରାୟ ୫୧ କୋଟି ମତଦାତା ଏହି ଅଭିଯାନରେ ଅଛନ୍ତି ।

ଆସନ୍ତା ମାସ ୯ ତାରିଖରେ ଚିଠା ଭୋଟର ତାଲିକା ପ୍ରକାଶ କରାଯିବ । ଏହା ପରେ ଜାନୁଆରୀ ମାସ ୮ ତାରିଖ ପର୍ଯ୍ୟନ୍ତ ଚିଠା ଭୋଟର ତାଲିକା ଉପରେ ଆପତ୍ତି ଅଭିଯୋଗ ଦାଖଲ କରିବାର ସମୟସୀମା ଧାର୍ଯ୍ୟ କରାଯାଇଛି । ଡିସେମ୍ବର ୯ରୁ ଜାନୁଆରୀ ୩୧ ତାରିଖ ପର୍ଯ୍ୟନ୍ତ ଆପତ୍ତି ଅଭିଯୋଗଗୁଡ଼ିକର ଶୁଣାଣି ହୋଇ ଆନୁସଙ୍ଗୀକ ପଦକ୍ଷେପ ଗ୍ରହଣ କରାଯିବ । ଫେବୃୟାରୀ ମାସ ୭ ତାରିଖରେ ଚୂଡ଼ାନ୍ତ ସଂଶୋଧିତ ଭୋଟର ତାଲିକା ପ୍ରକାଶ ପାଇବ ବୋଲି ଆୟୋଗଙ୍କ ପକ୍ଷରୁ କୁହାଯାଇଛି ।

ଏହି ଅଭିଯାନରେ ସାମିଲ ହୋଇଥିବା ରାଜ୍ୟ ଏବଂ କେନ୍ଦ୍ର ଶାସିତ ଅଞ୍ଚଳଗୁଡ଼ିକରେ ଭୋଟର ତାଲିକା ସଂଶୋଧନ ସଂକ୍ରାନ୍ତ କୌଣସି ପରିବର୍ତ୍ତନ ଉପରେ ନିଷେଧାଦେଶ ଜାରି କରାଯାଇ ସାରିଛି । ବୁଥ୍ ସ୍ତରୀୟ ଅଧିକାରୀମାନେ ପଞ୍ଜିକୃତ ଭୋଟରଙ୍କୁ ଗଣନାଫର୍ମ ବଣ୍ଟନ କରିବେ । ବର୍ତ୍ତମାନର ଭୋଟର ତାଲିକାରେ ରହିଥିବା ବିବରଣୀ ଏହି ଫର୍ମ ଗୁଡ଼ିକରେ ସ୍ଥାନିତ ହେବ । ୨୦୦୩ ଭୋଟର ତାଲିକାରେ ରହିଥିବା ମତଦାତାଙ୍କ ପାଇଁ କୌଣସି ଅତିରିକ୍ତ କାଗଜପତ୍ର ଦାଖଲ କରିବାକୁ ପଡ଼ିବ ନାହିଁ ବୋଲି ଆୟୋଗ ସ୍ପଷ୍ଟ କରିଛନ୍ତି ।

ଏହି ଅଭିଯାନରେ ସାମିଲ ହୋଇଥିବା ରାଜ୍ୟ ଓ କେନ୍ଦ୍ର ଶାସିତ ଅଞ୍ଚଳଗୁଡ଼ିକ ହେଉଛି – ଆଣ୍ଡାମାନ ନିକୋବର, ଲାକ୍ଷାଦ୍ୱୀପ, ଛତିଶଗଡ଼, ଗୋଆ, ଗୁଜରାଟ, କେରଳ, ମଧ୍ୟପ୍ରଦେଶ, ପୁଡୁଚେରୀ, ରାଜସ୍ଥାନ, ତାମିଲନାଡୁ, ଉତ୍ତରପ୍ରଦେଶ ଏବଂ ପଶ୍ଚିମବଙ୍ଗ । ଏଥିମଧ୍ୟରୁ ତାମିଲନାଡୁ, ପୁଡୁଚେରୀ, କେରଳ ଏବଂ ପଶ୍ଚିମବଙ୍ଗରେ ଆସନ୍ତା ବର୍ଷ ବିଧାନସଭା ନିର୍ବାଚନ ଅନୁଷ୍ଠିତ ହେବ ।

## ଜିଏସ୍‌ଟି

ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦୀଙ୍କ ଦ୍ୱାରା ଗତ ସେପ୍ଟେମ୍ବର ମାସ ୨୨ ତାରିଖରେ ଘୋଷିତ ଜି.ଏସ୍.ଟି. ସଞ୍ଚୟ ଉତ୍ସବ ସମାଜର ବିଭିନ୍ନ ବର୍ଗର ଲୋକଙ୍କୁ ସୁଫଳ ପ୍ରଦାନ କରୁଛି । ପରବର୍ତ୍ତୀ ପିଢ଼ି ଜି.ଏସ୍.ଟି. ସଂସ୍କାର ପୋଷାକ ଏବଂ ଜୋତା କ୍ଷେତ୍ରକୁ ତ୍ୱରାନ୍ୱିତ କରିଛି । ଚାମୋଇସ୍ ଚମଡ଼ା, ଚମଡ଼ା ଫାଇବର୍‌ରୁ ପ୍ରସ୍ତୁତ କମ୍ପୋଜିସନ୍ ଚମଡ଼ା ଏବଂ ଟ୍ୟାନିଂ ଓ କାଷ୍ଟିଂ ପରେ ପ୍ରସ୍ତୁତ ଚମଡ଼ା ଉପରେ ଜିଏସ୍‌ଟି ହାର ୧୨ ପ୍ରତିଶତରୁ ୫ ପ୍ରତିଶତକୁ ହ୍ରାସ କରାଯାଇଛି । ଏହାଦ୍ୱାରା ନିର୍ମାତାଙ୍କର ପ୍ରସ୍ତୁତି ଖର୍ଚ୍ଚ ହ୍ରାସ ପାଇଛି । ଫଳରେ ଉତ୍ପାଦନ କ୍ଷେତ୍ର ମଧ୍ୟ ଗତିଶୀଳ ହୋଇଛି । ଏହିପରି ୨ହଜାର ୫୦୦ ଟଙ୍କା ପର୍ଯ୍ୟନ୍ତ ଚପଲ ଏବଂ ଜୋତା ଉପରେ ଜି.ଏସ୍.ଟି. ହାର ହ୍ରାସ ପାଇ ୫ ପ୍ରତିଶତରେ ଧାର୍ଯ୍ୟ ହୋଇଛି । ଯୁବ ଏବଂ ମଧ୍ୟମ

ଆୟକାରୀ ଉପଭୋକ୍ତାଙ୍କ ପାଇଁ ଜୋତା ଅଧିକ ସୁଲଭ ହୋଇଛି । ସେହିଭଳି ଅଢ଼େଇ ହଜାର ଟଙ୍କା ପର୍ଯ୍ୟନ୍ତ ପ୍ରସ୍ତୁତ ପୋଷାକ ଉପରେ ମଧ୍ୟ ଜି.ଏସ୍.ଟି. ହାର ୫ ପ୍ରତିଶତକୁ ହ୍ରାସ ପାଇଛି । ଏଭଳି ସଂସ୍କାରମୂଳକ ପଦକ୍ଷେପ ବଜାର ଚାହିଦା ବୃଦ୍ଧି କରିବା ସହ ଉତ୍ପାଦନ କ୍ଷେତ୍ରକୁ ପ୍ରୋତ୍ସାହିତ କରିଛି ।

## ଭିପି-ଛତିଶଗଡ଼ ଭିଜିଟ୍

ଉପରାଷ୍ଟ୍ରପତି ସି.ପି. ରାଧାକ୍ରିଷ୍ଣନ୍ ଆସନ୍ତାକାଲି ଛତିଶଗଡ଼କୁ ଏକ ଦିନିକିଆ ଗସ୍ତରେ ଯିବେ । ଛତିଶଗଡ଼ ରାଜ୍ୟ ଗଠନର ୨୫ ବର୍ଷ ପୂର୍ତ୍ତି ଅବସରରେ ନବ-ରାଇପୁର ଓ ରାଜନନ୍ଦ ଗାଁରେ ପାଳିତ ହେବାକୁ ଥିବା ରୌପ୍ୟ ଜୟନ୍ତୀ ସମାରୋହ ସହ ଅନେକ ଗୁଡ଼ିଏ କାର୍ଯ୍ୟକ୍ରମରେ ଯୋଗଦେବେ । ଏହାଛଡ଼ା ଶ୍ରୀ ରାଧାକ୍ରିଷ୍ଣନ୍ ନବ-ରାଇପୁର ସ୍ଥିତ ସେଣ୍ଟ ହ୍ରଦରେ ଭାରତୀୟ ବାୟୁସେନାର ସୂର୍ଯ୍ୟକୀରଣ ଏରୋବାଟିକ୍ ଟିମ୍ ଦ୍ୱାରା ପ୍ରଦର୍ଶିତ ଏୟାର୍ ଶୋ'ରେ ଅଂଶଗ୍ରହଣ କରିବେ । ପରେ ପରେ ଉପରାଷ୍ଟ୍ରପତି ରାଜନନ୍ଦ ଗାଁରେ ଆୟୋଜିତ ଲକ୍ଷପତି ଦିଦି ସମ୍ମିଳନୀରେ ମୁଖ୍ୟ ଅତିଥି ଭାବେ ଯୋଗ ଦେବାର କାର୍ଯ୍ୟସୂଚୀ ରହିଛି ।

## ଡିଜିଟାଲ୍ ଲାଇଫ୍ ସାର୍ଟିଫିକେଟ୍

ନୂଆଦିଲ୍ଲୀରେ ଆସନ୍ତାକାଲି କାର୍ମିକ, ସାଧାରଣ ଅଭିଯୋଗ ଓ ପେନ୍‌ସନ୍ ରାଷ୍ଟ୍ରମନ୍ତ୍ରୀ ଡକ୍ଟର ଜିତେନ୍ଦ୍ର ସିଂହ ଚତୁର୍ଥ ପର୍ଯ୍ୟାୟ ଡିଜିଟାଲ୍ ଜୀବନ ପ୍ରମାଣପତ୍ର ଅଭିଯାନର ଶୁଭାରମ୍ଭ କରିବେ । ମନ୍ତ୍ରଣାଳୟ ଦେଇଥିବା ସୂଚନା ଅନୁଯାୟୀ ଚଳିତ ମାସରେ ଏହି ଅଭିଯାନ ଅଧୀନରେ ଦେଶରେ ୨ହଜାର ୫୦୦ ଶିବିର ଆୟୋଜନ କରାଯିବ । ପ୍ରଯୁକ୍ତିବିଦ୍ୟା ବ୍ୟବହାର ମାଧ୍ୟମରେ ମୁହଁ ଚିହ୍ନଟ ଦ୍ୱାରା ପେନ୍‌ସନ୍‌ଭୋଗୀଙ୍କୁ ସରଳ ଉପାୟରେ ଜୀବନ ପ୍ରମାଣପତ୍ର ପ୍ରଦାନର ଲକ୍ଷ୍ୟ ରଖାଯାଇଛି । ପେନ୍‌ସନ୍‌ଭୋଗୀଙ୍କ ପାଇଁ ଡିଜିଟାଲ୍ ସଶକ୍ତିକରଣ କ୍ଷେତ୍ରକୁ ଏହି ଅଭିଯାନ ପ୍ରୋତ୍ସାହନ ପ୍ରଦାନ କରିବ ବୋଲି ମନ୍ତ୍ରଣାଳୟ କହିଛି । ଇଲେକ୍ଟ୍ରୋନିକ୍ସ ଏବଂ ସୂଚନା ଓ ପ୍ରଯୁକ୍ତିବିଦ୍ୟା ମନ୍ତ୍ରଣାଳୟ ଓ ଭାରତୀୟ ଏକକ ପରିଚୟ ପ୍ରାଧିକରଣ ଏହି ଅଭିଯାନରେ ବୈଷୟିକ ସହାୟତା ପ୍ରଦାନ କରିବେ ।

## ଛତିଶଗଡ଼-ଟ୍ରେନ୍ ଆକ୍ସିଡେଣ୍ଟ

ଛତିଶଗଡ଼ ବିଳାଶପୁର ସହର ନିକଟରେ ଆଜି ଘଟିଥିବା ଟ୍ରେନ୍ ଦୁର୍ଘଟଣାରେ ଚାରି ଜଣଙ୍କର ମୃତ ଦେହ ଉଦ୍ଧାର କରାଯାଇଛି । ଲାଲ୍‌ଖାଦନ ନିକଟରେ ଏକ ଯାତ୍ରୀବାହୀ ଟ୍ରେନ୍ ଏବଂ ମାଲବାହୀ ଟ୍ରେନ୍ ମଧ୍ୟରେ ଧକ୍କା ହେବାରୁ ଏହି ଦୁର୍ଘଟଣା ଘଟିଛି ।ଏଥିରେ ୨୦ ଜଣ ଆହତ

ହୋଇଥିବା ଜଣାପଡ଼ିଛି । ରେଳବାଇ, ଜିଲ୍ଲା ପ୍ରଶାସନ ଏବଂ ପୁଲିସ୍‌ର ବରିଷ୍ଠ ଅଧିକାରୀ ଘଟଣା ସ୍ଥଳରେ ପହଞ୍ଚି ଯୁଦ୍ଧକାଳୀନ ଭିତ୍ତିରେ ଉଦ୍ଧାର କାର୍ଯ୍ୟରେ କରୁଛନ୍ତି ।

## ଓ୍ୱିମେନ୍ସ ଓ୍ୱାର୍ଲ୍ଡକପ୍ ଟିମ୍

ଆଇ.ସି.ସି. ମହିଳା ଦିନିକିଆ ବିଶ୍ୱକପ୍ କ୍ରିକେଟ୍ ପ୍ରତିଯୋଗିତା ସମାପ୍ତ ହେବା ପରେ ଆଇ.ସି.ସି. ପକ୍ଷରୁ ମହିଳା କ୍ରିକେଟ୍ ବିଶ୍ୱକପ୍ ଦଳ ଘୋଷଣା କରାଯାଇଛି । ଏଥିରେ ତିନି ଜଣ ଭାରତୀୟ ଖେଳାଳି ସାମିଲ ହୋଇଛନ୍ତି । ସେମାନେ ହେଲେ ସ୍ମୃତି ମନ୍ଧାନା, ଜେମିମା ରୋଡ୍ରିଗିସ୍ ଏବଂ ଦୀପ୍ତି ଶର୍ମା । ଚଳିତ ଥର ଫାଇନାଲ୍ ମ୍ୟାଚ୍‌ରେ ଦକ୍ଷିଣ ଆଫ୍ରିକାକୁ ପରାସ୍ତ କରି ଭାରତ ଆଇ.ସି.ସି. ମହିଳା ବିଶ୍ୱକପ୍ ଦିନିକିଆ ଟାଇଟଲ ହାସଲ କରିଛି ।